ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ

# ପ୍ରେସ୍ ବିବରଣୀ

**ତା-୧୭.୦୫.୨୦୨୦ରିଖ, ଅପରାହ୍ନ ୬.୩୦**

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଆଜି ଅପରାହ୍ଣ ୫.୧୫ ଘଟିକାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର ଉପରେ ସୃଷ୍ଟ ବାତ୍ୟା 'ଅମ୍ଫାନ' ଅପରାହ୍ନ ୨.୩୦ ସୁଦ୍ଧା ପାରାଦ୍ୱୀପର ଦକ୍ଷିଣକୁ ୯୬୦ କି.ମି. ଦୂରରେ ରହିଅଛି। ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅତି ଭୟଙ୍କର ବାତ୍ୟା ରୂପ ନେବ। ଏହା ପରବର୍ତ୍ତୀ ୧୨ ଘଣ୍ଟା ମଧ୍ୟରେ ଉତ୍ତର ଦିଗକୁ ଗତିକରିବ। ପୁନର୍ବାର ଉତ୍ତର-ଉତ୍ତର ପୂର୍ବକୁ ଗତି କରି ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଏବଂ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ଅତିକ୍ରମ କରିବ। ୨୦ ମଇ ଅପରାହ୍ନ / ସନ୍ଧ୍ୟା ସୁଦ୍ଧା ଏହା ଅତି ଭୟଙ୍କର ବାତ୍ୟା ରୂପ ନେଇ ଦୀଘା (ପଶ୍ଚିମବଙ୍ଗ) ଓ ହାତିଆ ଦ୍ୱୀପ (ବାଂଲାଦେଶ) ମଧ୍ୟ ଦେଇ ଅତିକ୍ରମ କରିବ।

ଫଳସ୍ୱରୂପ, ୧୮ ମଇ ସନ୍ଧ୍ୟାରୁ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବୃଷ୍ଟିପାତ ହେବା ସହିତ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବ। ୧୯ ତାରିଖରେ ଅଧିକାଂଶ ସ୍ଥାନରେ ବର୍ଷା ହେବ ଏବଂ କେତେକ ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହେବ। ଏହା ଯୋଗୁଁ ୨୦ ମଇରେ ଓଡ଼ିଶାର ଉତ୍ତର ଉପକୂଳର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବ।

୧୮ମଇ ତାରିଖ ସନ୍ଧ୍ୟା ଠାରୁ ଦକ୍ଷିଣ-ଓଡ଼ିଶା ଉପକୂଳରେ ପବନର ବେଗ ଘଣ୍ଟା ପ୍ରତି ୪୫-୫୫ କି.ମି. ରହିବ ଏବଂ ସ୍ଥଳବିଶେଷରେ ପବନର ବେଗ ବୃଦ୍ଧି ପାଇ ଘଣ୍ଟା ପ୍ରତି ୬୫ କି.ମି. ହୋଇପାରେ ଏବଂ ଏହା ୧୯ ତାରିଖରେ ମଧ୍ୟ ଉତ୍ତର-ଓଡ଼ିଶା ଉପକୂଳରେ ଏହି ସ୍ଥିତି ଜାରି ରହିବ। ୨୦ ମଇ ସକାଳ ସୁଦ୍ଧା ପବନର ବେଗ କ୍ରମଶଃ ବୃଦ୍ଧିପାଇ ବତାସ ରୂପ ନେଇ ଉତ୍ତର-ଓଡ଼ିଶା ଉପକୂଳରେ ଘଣ୍ଟା ପ୍ରତି ୭୫-୮୫ କି.ମି. ରହିବ ଏବଂ ଏହାର କ୍ଷୀପ୍ରତା ଘଣ୍ଟା ପ୍ରତି ୯୫ କି.ମି. ହେବାର ଅନୁମାନ କରାଯାଇଛି। ପରବର୍ତ୍ତୀ ସମୟରେ ପବନର ବେଗ ବୃଦ୍ଧି ପାଇ ଉତ୍ତର ଓଡ଼ିଶା ଉପକୂଳରେ ଘଣ୍ଟାପ୍ରତି ୧୧୦ ରୁ ୧୨୦ କି.ମି. ରହିବା ସହ ମଝିରେ ମଝିରେ ପବନର ତୀବ୍ରତା ଘଣ୍ଟାପ୍ରତି ୧୩୫ କି.ମି. ହୋଇପାରେ।

ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗରର ନିକଟବର୍ତ୍ତୀ ଅଞ୍ଚଳ ସମୁଦ୍ର ଅଶାନ୍ତ ରହିବ ଏବଂ ଏହା ଆଜି ରାତି ଠାରୁ କେନ୍ଦ୍ରୀୟ ବଙ୍ଗୋପସାଗରର ଦକ୍ଷିଣାଞ୍ଚଳ ଅସ୍ୱାଭାବିକ ରହିବ। ୧୯ ତାରିଖରେ କେନ୍ଦ୍ରୀୟ ବଙ୍ଗୋଳପସାଗରର ଉତ୍ତର ଭାଗ ଓ ନିକଟବର୍ତ୍ତୀ ଉତ୍ତର ପାର୍ଶ୍ୱରେ ଏବଂ ୨୦ ତାରିଖରେ ବଙ୍ଗୋପସାଗରର ଉତ୍ତର ଭାଗରେ ଅସ୍ୱାଭାବିକ ସ୍ଥିତି ଜାରି ରହିବ।

୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ଓଡ଼ିଶା ଉପକୂଳ ଅଂଚଳରେ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ଯାଇଛନ୍ତି ସେମାନେ ୧୭ ତାରିଖ ସୁଦ୍ଧା ଉପକୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

ସଂପୃକ୍ତ ସରକାରୀ ବିଭାଗ ଏବଂ ଉପକୂଳବର୍ତ୍ତୀ ଓ ତତ୍‌ସଂଲଗ୍ନ ୧୨ ଗୋଟି ଜିଲ୍ଲା ଯଥା (ଗଜପତି, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜ) କୁ

ସତର୍କ କରାଯାଇଅଛି ଏବଂ ସମ୍ଭାବ୍ୟ ବିପର୍ଯ୍ୟୟକୁ ପ୍ରଭାବପୂର୍ଣ୍ଣ ଭାବେ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲା ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

୧୬ ମଇ ଅପରାହ୍ନ ୫ ଘଟିକା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡିକ ଏବଂ ୧୨ ଗୋଟି ବିପଦସଙ୍କୁଳ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବିପର୍ଯ୍ୟୟ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଜିଲ୍ଲା ପ୍ରଶାସନକୁ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆବଶ୍ୟକ ସ୍ଥଳେ ସୁରକ୍ଷିତ ପକ୍କା ଛାତବିଶିଷ୍ଟ ସରକାରୀ କୋଠା ଘରକୁ ନିରାପଦ ଆଶ୍ରୟସ୍ଥଳ ଭାବରେ ବ୍ୟବହାର ପାଇଁ ଚିହ୍ନଟ କରିବାକୁ କୁହାଯାଇଛି। କୋଭିଡ୍-୧୯ ମୁକାବିଲା ପାଇଁ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ କରାଯାଇଥିବା ଅସ୍ଥାୟୀ ଚିକିତ୍ସାକେନ୍ଦ୍ରକୁ ଛାଡି ମୋଟ୍ ୫୬୭ ଟି ଆଶ୍ରୟସ୍ଥଳୀ ଏବଂ ୭୦୯୨ ଅନ୍ୟ ସ୍ଥାୟୀ କୋଠାକୁ ୧୨ ଟି ଜିଲ୍ଲାର ୧୧ ଲକ୍ଷ ବାତ୍ୟା ପ୍ରଭାବିତ ଜନସାଧାରଣଙ୍କୁ ସାମାଜିକ ଦୂରତା ନିୟମ ପାଳନ ପୂର୍ବକ ନିରାପଦ ଆଶ୍ରୟ ଦେବା ପାଇଁ ପ୍ରସ୍ତୁତ ରଖାଯାଇଛି।

ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟଜଳ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା ଉପଲବ୍ଧ କରିବା ନିମନ୍ତେ କୁହାଯାଇଛି। ଯେକୌଣସି ସମ୍ଭାବ୍ୟ ପରିସ୍ଥିତିକୁ ସାମ୍ନା କରିବା ପାଇଁ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ ଟାୱାର ଲାଇଟ୍, ଚେନ୍ ସ ଏବଂ ଅନ୍ୟ ଜରୁରୀକାଳୀନ ଉପକରଣକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ୪୮୬ ଟି ଜେନେରେଟର ସେଟ୍, ୧୫୧୩ ଟି ଇନ୍‌ଫ୍ଲାଟେବୁଲ୍ ଟାୱାର ଲାଇଟ୍ ଏବଂ ୧୪୯୭ ଟି ଚେନ୍ ସ ଆଶ୍ରୟସ୍ଥଳୀସ୍ତରରେ ପ୍ରସ୍ତୁତ କରି ରଖାଯାଇଛି।

ଓଡ୍ରାଫ୍ ୨୦ ଟି ଦଳ, ଏନ୍.ଡି.ଆର୍.ଏଫ୍ ର ୧୭ ଟି ଦଳ ଏବଂ ଅଗ୍ନି ଓ ବିପର୍ଯ୍ୟୟ ପରିଚାଳନାର ୩୩୫ ୟୁନିଟ୍ ସେବା ପ୍ରଦାନ ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୦ ଏନ୍.ଡି.ଆର୍.ଏଫ୍ ଟିମ୍ ଏବଂ ୧୫ ଟି ଓଡ୍ରାଫ୍ ଟିମ୍ ଛଅ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲା ଓ ଚାରି ଗୋଟି ନିକଟବର୍ତ୍ତୀ ଜିଲ୍ଲାରେ ଆଗୁଆ ଭାବେ ମୁତୟନ କରାଯାଇଛି।

ସମସ୍ତ ପ୍ରଭାବିତ ଅଞ୍ଚଳରେ ଚିକିତ୍ସାଳୟ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ନିୟୋଜିତ କରାଯାଇଅଛି। ସମସ୍ତ ଚିକିତ୍ସାଳୟରେ ବିକଳ୍ପ ଶକ୍ତି ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଓପିଟିସିଏଲ୍ ଏବଂ ବିତରଣ ସଂସ୍ଥାଗୁଡିକ ବାତ୍ୟା ପରବର୍ତ୍ତୀ ସମୟରେ ତତ୍‌କ୍ଷଣାତ୍ ପୁନଃରୁଦ୍ଧାର କାର୍ଯ୍ୟ କରିବା ପାଇଁ କୁଶଳୀ କର୍ମଚାରୀଙ୍କୁ ସଜାଗ ରଖିବା ସହ ଉପକରଣମାନ ମହଜୁଦ୍ ପାଇଁ ଆଗୁଆ ପଦକ୍ଷେପ ନେଇଛନ୍ତି। ବାତ୍ୟା ପୂର୍ବରୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯିବାର ସମ୍ଭାବନା ଥିବାରୁ ସଂପୃକ୍ତ ସଂସ୍ଥା ଓ ସରକାରୀ କାର୍ଯ୍ୟାଳୟ ବିକଳ୍ପ ଶକ୍ତିର ବ୍ୟବସ୍ଥା ସ୍ୱରୂପ ଜେନେରେଟର ସେଟ୍ ଓ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ୍ ରଖିବାକୁ କୁହାଯାଇଛି।

ରାଜ୍ୟରେ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ସହ ବୈଠକ କରାଯାଇ ଆଗୁଆ ପଦକ୍ଷେପ ନିମନ୍ତେ ସେମାନଙ୍କୁ ଜେନେରେଟର ସେଟ୍, ମୋବାଇଲ୍ ଟାୱାରଗୁଡିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଯଥେଷ୍ଟ ପରିମାଣର ଇନ୍ଧନ ଗଚ୍ଛିତ ରଖିବାକୁ ପରାମର୍ଶ ଦିଆଯାଇଛି। ଟେଲିକମ୍ ସେବା ବାଧାପ୍ରାପ୍ତ ହେଲେ ତାହାର ପୁନଃରୁଦ୍ଧାର ପାଇଁ ସେଲ୍-ଅନ୍-ହୁଇଲ୍ ବ୍ୟବସ୍ଥା କରିବା ପାଇଁ ସେମାନଙ୍କୁ କୁହାଯାଇଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ଏସ୍ଏମ୍ଏସ୍ ଦ୍ୱାରା ପ୍ରାକ୍ ସତର୍କ ସୂଚନା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

ବିଦ୍ୟୁତ୍ ନଥିବା ସମୟରେ ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପକୁ ଚାଲୁ ରଖିବା ପାଇଁ ଜେନେରେଟର ବ୍ୟବସ୍ଥା କରାଯାଇଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାଙ୍କର ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ସୁବ୍ୟବସ୍ଥା ପାଇଁ ୧୬୩ ଟି ଜେନେରେଟର ସେଟ୍, ୭୨୫ ଟି ପି.ଭି.ସି. ଟାଙ୍କି, ଭାମ୍ୟମାଣ ଜଳ ଯୋଗାଣ ପାଇଁ ୩୩୯ ଟି ଯାନ, ୩୭ ଟି ପାଣି ଟ୍ୟାଙ୍କର ୧୨ ଗୋଟି ଜିଲ୍ଲା ପାଇଁ ପ୍ରସ୍ତୁତ ହୋଇରହିଛି। ପୁନଶ୍ଚ ଜରୁରୀକାଳୀନ ମରାମତି ନିମନ୍ତେ ୭୯ ଜଣ ସ୍ଥାନୀୟ ଇଲେକ୍ଟ୍ରିସିଆନଙ୍କୁ ଅତିରିକ୍ତ ଭାବେ ରଖାଯାଇଛି।

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ମତ୍ସ୍ୟଜୀବୀମାନଙ୍କ ପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ କଠୋର ଭାବରେ ପାଳନ କରାଯାଉଛି। ୧୮ ତାରିଖରୁ ମାଛଧରା ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ସମୁଦ୍ର ଭିତରେ ଥିବା ମତ୍ସ୍ୟଜୀବୀମାନଙ୍କୁ ୧୭ ତାରିଖ ସୁଦ୍ଧା କୂଳକୁ ଫେରିଆସିବାକୁ କୁହାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳର ସମୁଦ୍ର ମଧ୍ୟକୁ ଯାଇଥିବା ସମସ୍ତ ମତ୍ସ୍ୟଜୀବୀ ସେମାନଙ୍କର ଡଙ୍ଗା ସହିତ କୂଳକୁ ଫେରି ଆସିଛନ୍ତି।

ଗୋରୁଗାଈ ଓ ଗୃହପାଳିତ ପଶୁମାନଙ୍କୁ ନିରାପଦ ସ୍ଥାନରେ ରଖିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀର ତଳ ମହଲା ଓ ଅନ୍ୟ ସୁରକ୍ଷିତ କୋଠାକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି।

ବାତ୍ୟା ପ୍ରଭାବରେ ବର୍ଷାକୁ ଦୃଷ୍ଟିରେ ରଖି ପାଚିଲା ଖରାଦିନିଆ ଫସଲର ସୁରକ୍ଷା ନିମନ୍ତେ କୃଷକଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। କୃଷି ବିଭାଗର କ୍ଷେତ୍ର ଅଧିକାରୀମାନେ ଚାଷୀମାନଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଛନ୍ତି।

ବାତ୍ୟା ଯୋଗୁଁ ଅଧିକ ବର୍ଷାର ମାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲାଗୁଡିକରେ ଥିବା ମଧ୍ୟମ ଜଳଭଣ୍ଡାରଗୁଡିକରୁ ଜଳ ନିଷ୍କାସନ କରାଯିବ।

ସମସ୍ତ ଜିଲ୍ଲାପାଳ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଦଳ ଏବଂ ଅନ୍ୟ ସଂପୃକ୍ତ ଅଧିକାରୀଙ୍କ ପାଖରେ ଥିବା ସାଟେଲାଇଟ୍ ଫୋନ୍‌ଗୁଡିକୁ ରିଚାର୍ଜ ଓ ବ୍ୟବହାର ଉପଯୋଗୀ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲାରେ ଥିବା ଡିଜିଟାଲ୍ ମୋବାଇଲ୍ ରେଡିଓ କୁ ପ୍ରସ୍ତୁତ ରଖାଯାଇଛି। ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା, ଯାଜପୁର ଓ କଟକରେ ଭି-ସ୍ୟାଟ୍ ଯୋଗାଯୋଗ ବ୍ୟବସ୍ଥା କରାଯାଇଛି।